**OBJECTIVE-(P-I)**

## SAMPLE QUESTIONS FOR CLASS-IX STUDENTS

## As per New Pattern of Evaluation, 2018-19

## Social Science (SSc.)

**Answer All Questions** **Full marks = 50**

## HISTORY & CIVICS

ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

1. ଗୋଟିଏ ବାକ୍ୟରେ ଉତ୍ତର ଦିଅ । (1 X 5)= 05

(କ) ରୁଷ୍ ବିପ୍ଳବ ପରେ ବୋଲସେଭିକ୍ ଦଳ କେଉଁ ନାମରେ ପୁନର୍ନାମିତ ହୋଇଥିଲା ?

(ଖ) ସ୍ୱାଧୀନତା ଲାଭ ପରେ ଦକ୍ଷିଣ ପଶ୍ଚିମ ଆଫ୍ରିକାର ନୂତନ ନାମ କ'ଣ ହେଲା ?

(ଗ) ମିଖାଇଲ୍ ଗୋର୍ବାଚେଭଙ୍କ ଦ୍ୱାରା ସୋଭିଏତ୍ ରୁଷରେ ପ୍ରଣୀତ ହୋଇଥିବା ଦୁଇଟି ନୂତନ ନୀତିର ନାମ ଲେଖ ?

(ଘ) ଜୈନମାନେ କେଉଁ ଦୁଇଟି ଗୋଷ୍ଠୀରେ ବିଭକ୍ତ ?

(ଙ) ଆବୁଲଫାଜଲଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକର ନାମ ଲେଖ ?

2. ରେଖାଙ୍କିତ ଶବ୍ଦଟିକୁ ବଦଳାଇ ଭ୍ରମ ସଂଶୋଧନ କର । (1 X 5)= 05

(କ) **ଫ୍ରାନ୍ସର ଆଭେନଲ୍** ଜାତିସଂଘର ପ୍ରଥମ ସେକ୍ରେଟାରୀ ଜେନେରାଲ ହୋଇଥିଲେ ।

(ଖ) **ଭାରତ ମହାସାଗରର** ହାୱାଇ ଦ୍ୱୀପରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକାର ବନ୍ଦର ନଗର ପର୍ଲହାର୍ବର ଉପରେ ଜାପାନ ଆକ୍ରମଣ କରିଥିଲା ।

(ଗ) **1955 ମସିହା ମେ 1 ତାରିଖରେ** ବାଗଦାଦ୍ ଚୁକ୍ତି ସମ୍ପାଦିତ ହୋଇଥିଲା ।

(ଘ) ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା **ପ୍ରାର୍ଥନା ସମାଜ** ପ୍ରତିଷ୍ଠିତ ହୋଇଥିଲା ।

(ଙ) **ଆର୍ଯ୍ୟଭଟ୍ଟଙ୍କ** 'ଚନ୍ଦ୍ରଶାସ୍ତ୍ର' ରେ ଶୂନ୍ୟ ବିଷୟରେ ଧାରଣା ଦିଆଯାଇ ଥିଲା ।

3. 'କ' ସ୍ତମ୍ଭର ଖ୍ରୀଷ୍ଟାବ୍ଦଗୁଡ଼ିକ ସହିତ 'ଖ' ସ୍ତମ୍ଭର ଘଟଣାବଳୀର ସଂଯୋଗ ସ୍ଥାପନ କର । (1 X 5)= 05

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| 1853 | ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଚୀନ ଦେଶରେ ସାମ୍ୟବାଦୀ ସରକାର ଗଠିତ । |
| 1883 | ମିଖାଇଲ୍ ଗୋର୍ବାଚେଭ୍ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ନିର୍ବାଚିତ । |
| 1949 | ଚେର୍ଣ୍ଣୋବିଲ୍ ଆଣବିକ ଶକ୍ତି କେନ୍ଦ୍ରରେ ଦୁର୍ଘଟଣା । |
| 1985 | ମୁସୋଲିନୀଙ୍କର ଜନ୍ମ ଗ୍ରହଣ । |
| 1986 | ବମ୍ବେଠାରୁ ଥାନେ ପର୍ଯ୍ୟନ୍ତ ପ୍ରଥମ ରେଳପଥ ଉନ୍ମୋଚିତ । |

4. ଶୂନ୍ୟସ୍ଥାନ ପୂରଣ କର । (1 X 5)= 05

(କ) ଭାରତର ସମ୍ବିଧାନର -------- ଧାରା ଅନୁଯାୟୀ ଜଣେ ନାଗରିକ ନିଜର ମୌଳିକ ଅଧିକାର ସୁରକ୍ଷା ପାଇଁ ଅଦାଲତର ସାହାଯ୍ୟ ନେଇପାରିବ ।

(ଖ) ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ସମ୍ପର୍କରେ ସମ୍ବିଧାନର ------- ଭାଗରେ ଉଲ୍ଲେଖ କରାଯାଇଛି ।

(ଗ) -------- ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ବିଧାନରେ ମୌଳିକ କର୍ତ୍ତବ୍ୟ ଗୁଡ଼ିକ ଯୋଗ କରାଯାଇଛି ।

(ଘ) ଭାରତରେ ଗଠିତ ଜାତୀୟ ମାନବାଧିକାର କମିଶନରେ ଅଧ୍ୟକ୍ଷଙ୍କ ବ୍ୟତୀତ ଆଉ ------- ଜଣ ସଦସ୍ୟ ରହିଥାନ୍ତି ।

(ଙ) ରାଜ୍ୟ ମୁଖ୍ୟ ସୂଚନା କମିଶନର୍ --------ଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି ।

5. ଗୋଟିଏ ଶବ୍ଦରେ ଉତ୍ତର ଦିଅ । (1 X 5)= 05

(କ) "ଜାତୀୟ ସଂହତି କାଦୁଅ ଓ ଇଟା ନିର୍ମିତ ଏକ ଗୃହ ନୁହେଁ" - ଏହା କିଏ କହିଥିଲେ ?

(ଖ) ଇଂରେଜମାନଙ୍କର କେଉଁ ନୀତି ଭାରତୀୟମାନଙ୍କ ମନରେ ଜାତୀୟ ଚେତନାର ଅଭିବୃଦ୍ଧିରେ ସହାୟକ ହୋଇଥିଲା ?

(ଗ) ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ କରିବାର ଉପାଦାନଟି କ'ଣ ?

(ଘ) ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦ କେତେଗୋଟି ଭାଷାରେ ଲିଖିତ ?

(ଙ) ଆନ୍ତର୍ଜାତିକ ନ୍ୟାୟାଳୟର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

# GEOGRAPHY & ECONOMICS

Q1. ଗୋଟିଏ ବାକ୍ୟରେ ଲେଖ । 1 X 5 = 05

(କ) ଏଲନିନୋ

(ଖ) ଜଳବିଭାଜିକା

(ଗ) କ୍ଷୁଦ୍ରସୁନ୍ଦରବନ

(ଘ) ସାକ୍ଷର

(ଙ) ସାମାଜିକ ବନୀକରଣ

Q2. 'କ' ସ୍ତମ୍ଭର ପ୍ରଦତ୍ତ ତଥ୍ୟ ସହ ସମ୍ବନ୍ଧ ଥିବା 'ଖ' ସ୍ତମ୍ଭର ତଥ୍ୟକୁ ସଂଯୋଗ କର । 1 X 5 = 05

| | 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|
| (କ) | ଅଗରତାଲା | ମିଜୋରାମ |
| (ଖ) | ହେନ୍ତାଳ | ପର୍ଣ୍ଣମୋଚୀ |
| (ଗ) | ବୃହତ୍ତମ ରାଜ୍ୟ | ଲୁଆରିଆ |
| (ଘ) | ମାଇସୁନ୍ ରାମ | ତାମିଲନାଡୁ |
| (ଙ) | ଶାଳ | ରାଜସ୍ଥାନ |
| | | ତ୍ରିପୁରା |

Q3. ଶୂନ୍ୟସ୍ଥାନ ପୂରଣ କର । 1 X 5 = 05

(କ) ଆର୍ଥନୀତିକ କାର୍ଯ୍ୟର ନିର୍ବାହ, ସଂଗଠନ ଓ ପରିଚାଳନା ପାଇଁ ଏକ ସମ୍ମିଳିତ ଢ଼ାଞ୍ଚାକୁ ------ କୁହାଯାଏ ।

(ଖ) କୃଷି କ୍ଷେତ୍ରର ବଳକା ଶ୍ରମିକ ------ ବେକାରି ସୂଚିତ କରେ ।

(ଗ) ପ୍ରଫେସର ୟୁନୁସ୍ ------- ପାଇଁ ନୋବେଲ ପୁରସ୍କାର ପାଇଥିଲେ ।

(ଘ) ଭାରତ ସରକାରଙ୍କ ତରଫରୁ ------- ସଂସ୍ଥା ମୁଦ୍ରା ପ୍ରଚଳନ କରିଥାଏ ।

(ଙ) --------- ର ସୁରକ୍ଷା ହେଉଛି ଧାରଣୀୟ ବିକାଶର ମୁଖ୍ୟ ଅଙ୍ଗ ।

Q4. ନିମ୍ନ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କରି ଯେଉଁ ତଥ୍ୟ ଗୁଡ଼ିକ ଠିକ୍ ( ✓ ) ଦର୍ଶାଅ ଓ ଭୁଲ୍ ତଥ୍ୟକୁ ଭୁଲ୍( **X** ) ଦର୍ଶାଅ । 1 X 5 = 05

(କ) ନବୀକରଣୀୟ ସମ୍ବଳର ବ୍ୟବହାର ହାର ଏହାର ପୁନଃ ଉତ୍ପାଦନ ହାର ଠାରୁ ଅଧିକ ହେଲେ ବିକାଶର ଧାରା ଅବ୍ୟାହତ ରହିବ । ☐

(ଖ) ବିଦ୍ୟୁତକରଣ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଜଳସେଚନ, ପାନୀୟ ଜଳ ଯୋଗାଣ ଇତ୍ୟାଦି ବ୍ୟବସ୍ଥାକୁ ଆର୍ଥିକ ବିକାଶ କୁହାଯାଏ । ☐

(ଗ) 2011 ଜନଗଣନା ଅନୁସାରେ ଭାରତର ଜନସଂଖ୍ୟାର ଘନତ୍ୱ 324 । ☐

(ଘ) ବ୍ୟାଙ୍କ ଜମାକାରୀ ଓ ଋଣ ଗ୍ରହୀତା ମାନଙ୍କ ମଧ୍ୟରେ ମଧ୍ୟସ୍ଥି ରୂପେ କାର୍ଯ୍ୟ କରେ । ☐

(ଙ) ଉତ୍ପାଦନ ଓ ଉପଭୋଗର ତାରତମ୍ୟକୁ ସଞ୍ଚୟ କୁହାଯାଏ । ☐

Q 5. ପ୍ରଦତ୍ତ ଭାରତ ମାନଚିତ୍ରରେ ନିମ୍ନଲିଖିତ ଭୌଗଳିକ ତଥ୍ୟ ଗୁଡ଼ିକୁ ଦର୍ଶାଅ । 1 X 5 = 05

(କ) ଋଷିକୁଲ୍ୟା ନଦୀ

(ଖ) କରମଣ୍ଡଳ ଉପକୂଳ

(ଗ) ଗୀର୍ ଜାତୀୟ ପାର୍କ

(ଘ) କେରଳର ରାଜଧାନୀ

(ଙ) କାରାକୋରମ୍ ପର୍ବତଶ୍ରେଣୀ

